# NATIONAL NEWS BULLETIN (ODIA)
## 19th May - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନପାଇଁ ଆସନ୍ତାକାଲି ୬ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଆସନ ନିମନ୍ତେ ଅନୁଷ୍ଠିତ ହେବ ମତଦାନ ।

- ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଲେ ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ଗତ ୭ ବର୍ଷ ମଧ୍ୟରେ ଅନୁସୂଚିତ ଜାତି ବର୍ଗରେ ଛାତ୍ରଛାତ୍ରୀଙ୍କ ନାମଲେଖା ୪୪ ପ୍ରତିଶତକୁ ବୃଦ୍ଧି ।

- ନିକୋବର ଦ୍ୱୀପପୁଞ୍ଜରେ ଆଜି ପ୍ରବେଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ; ୩୧ ତାରିଖ ସୁଦ୍ଧା କେରଳ ଛୁଇଁବା ନେଇ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ହେବ ମୁକାବିଲା ।

## ପୋଲିଙ୍ଗ୍ - ଫିଫ୍‌ଥ ଫେଜ୍

ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନପାଇଁ ଆସନ୍ତାକାଲି ୬ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଆସନ ନିମନ୍ତେ ମତଦାନ ହେବ । ସେଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶର ୧୪ଟି, ମହାରାଷ୍ଟ୍ରର ୧୩ଟି, ପଶ୍ଚିମବଙ୍ଗର ୭ଟି, ଓଡ଼ିଶା ଓ ବିହାରର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି ଏବଂ ଜମ୍ମୁ-କାଶ୍ମୀର ଓ ଲଦାଖ୍ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲେଖାଏଁ ଆସନ ରହିଛି । ଭୋଟ୍‌ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ । ଏହି ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ପୀୟୁଷ ଗୋୟଲ୍ ଓ ସ୍ମୃତି ଇରାନୀ, କଂଗ୍ରେସ ନେତା ରାହୁଲ୍ ଗାନ୍ଧି ଓ କେ.ଏଲ୍. ଶର୍ମା, ନ୍ୟାସନାଲ୍ କନ୍‌ଫରେନ୍ସର ଓମାର ଅବଦୁଲ୍ଲା ଏବଂ ଏଲ୍.ଜେ.ପି. (ରାମବିଳାସ) ଦଳର ଚିରାଗ ପାଶ୍ୱାନ୍ ରହିଛନ୍ତି । ୯୪ ହଜାର ୭୩୨ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ୯ ଲକ୍ଷ ୪୭ ହଜାରରୁ ଉର୍ଦ୍ଧ୍ୱ ପୋଲିଙ୍ଗ୍ ଅଧିକାରୀ

ନିୟୋଜିତ ହୋଇଛନ୍ତି । ଓଡ଼ିଶା ବିଧାନସଭାର ୩୫ଟି ଆସନପାଇଁ ମଧ୍ୟ ଆସନ୍ତାକାଲି ଭୋଟ୍‌ଗ୍ରହଣ ହେବ ।

## ଓଡ଼ିଶା ଇଲେକ୍‌ସନ୍

ଓଡ଼ିଶାର ୫ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ଲାଗି ଆସନ୍ତାକାଲି ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ହେବାକୁ ଥିବା ୫ଟି ସଂସଦୀୟ କ୍ଷେତ୍ର ହେଉଛି– ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା। ଏହି ପର୍ଯ୍ୟାୟ ନିର୍ବାଚନରେ ଅଣାଅଶୀ ଲକ୍ଷ ଅଣସ୍ତରି ହଜାର ୮୮୭ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୦ ଲକ୍ଷ ୩୩ ହଜାର ୯୯୨ ଜଣ ପୁରୁଷ ଭୋଟର, ଅଣଚାଳିଶି ଲକ୍ଷ ୩୫ ହଜାର ୪୪ ଜଣ ମହିଳା ଭୋଟର ଏବଂ ୮୫୧ ଜଣ ଅନ୍ୟାନ୍ୟ ବର୍ଗର ଭୋଟର ଅଛନ୍ତି ।

ଏହି ପର୍ଯ୍ୟାୟରେ ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ରରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ହଜାରେ ୪୧ଟି ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବାବେଳେ ୨୫ଟି ମତଦାନ

କେନ୍ଦ୍ର ଦିବ୍ୟାଙ୍ଗ କର୍ମଚାରୀମାନେ ପରିଚାଳନା କରିବେ। ଏହି ପର୍ଯ୍ୟାୟରେ ୧ ହଜାର ୫୪୧ଟି ଆଦର୍ଶ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି।

## ପି.ଏମ୍. - ୱେଷ୍ଟ ବେଙ୍ଗଲ୍

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଜୁନ୍ ୪ ତାରିଖ ପରେ ଭାରତୀୟ ଜନତା ପାର୍ଟି ସରକାର ଗଠନ କରିବ ଏବଂ ପ୍ରତ୍ୟେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଜେଲ୍‌କୁ ପଠାଯିବ । ପଶ୍ଚିମବଙ୍ଗର ପୁରୁଲିଆ ଲୋକସଭା ନିର୍ବାଚନ ମଣ୍ଡଳୀରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଟି.ଏମ୍.ସି. ସରକାର ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି ଏବଂ ଦଳିତମାନଙ୍କପାଇଁ ଆଦୌ ଚିନ୍ତା କରୁ ନାହିଁ । ଟି.ଏମ୍.ସି. ଏବଂ କଂଗ୍ରେସ କ୍ଷମତାକୁ ଆସିଲେ ସେମାନଙ୍କର ସଂରକ୍ଷଣକୁ ଛଡ଼ାଇ ନେବେ ବୋଲି ସେ ଅଭିଯୋଗ କରିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଡକ୍ଟର ବି.ଆର୍. ଆମ୍ବେଦ୍‌କର ଧର୍ମ ଆଧାରରେ ସଂରକ୍ଷଣ ଦେବାର ଘୋର ବିରୋଧୀ ଥିଲେ ।

## କାର୍ଗିଲ୍ ପୋଲିଙ୍ଗ୍

ଲଦାଖ୍ କେନ୍ଦ୍ରଶାସିତ ଅଞ୍ଚଳର ଜିଲ୍ଲା ନିର୍ବାଚନ ଅଧିକାରୀ ଓ କାର୍ଗିଲ୍ ପୁଲିସ୍ ପକ୍ଷରୁ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଲୋକସଭା

ନିର୍ବାଚନପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାର ସୂଚନା ମିଳିଛି । ୨୭୯ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମଧ୍ୟରୁ ୧୧୮ଟି ସମ୍ବେଦନଶୀଳ ବୁଥ୍ ରହିଥିବାରୁ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୧୪୦ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯିବା ସହ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଭୋଟ୍‌ଗ୍ରହଣ ପ୍ରକ୍ରିୟା ଉପରେ ନଜର ରଖାଯିବ । କୌଣସି କ୍ଷେତ୍ରରେ କିଛି ସମସ୍ୟା ଦେଖାଦେଲେ ତା'ର ତ୍ୱରିତ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମସ୍ତ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି ।

## ପି.ଏମ୍. - ଓଡ଼ିଶା ଭିଜିଟ୍

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । କିଛି ସମୟ ପୂର୍ବରୁ ସେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ । ଆଜି ସନ୍ଧ୍ୟାରେ ରାଜ୍ୟ ଦଳୀୟ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ପରେ ରାଜଭବନ ଯାଇ ସେଠାରେ ସେ ରାତ୍ରିଯାପନ କରିବେ । ଆସନ୍ତାକାଲି ପ୍ରତ୍ୟୁଷରେ ପୁରୀ ଗସ୍ତରେ ଯାଇ

ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିବେ । ପରେ ସେ ବଡ଼ଦାଣ୍ଡରେ ଏକ ନିର୍ବାଚନୀ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ । ପୂର୍ବାହ୍ନ ୯ଟା ସୁଦ୍ଧା ରୋଡ୍ ଶୋ' ସରିବା ପରେ ପ୍ରଧାନମନ୍ତ୍ରୀ ଅନୁଗୁଳ ଗସ୍ତ କରି ସେଠାରେ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବେ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେଜ୍ - ନିଲମ୍ ସଞ୍ଜୀବ ରେଡ୍ଡୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ୍ ରେଡ୍ଡୀଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରପତି ଭବନରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ନୀଲମ୍ ସଞ୍ଜୀବ୍ ରେଡ୍ଡୀ ୧୯୭୭ ମସିହା ଜୁଲାଇ ୨୫ ତାରିଖରୁ ୧୯୮୨ ମସିହା ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ଭାରତର ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିଲେ । ସେ ଆନ୍ଧ୍ର ପ୍ରଦେଶର ଇଲୁର୍‌ରେ ୧୯୧୩ ମସିହା ମଇ ମାସ ୧୯ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀ ରେଡ୍ଡୀ ଭାରତୀୟ ରାଜନୀତିରେ ପ୍ରମୁଖ ନେତା ରହିବା ସହ ଆନ୍ଧ୍ର ପ୍ରଦେଶର ବିକାଶ ପାଇଁ ଅହରହ ଉଦ୍ୟମ କରୁଥିଲେ ।

## ଏସ୍.ସି. ଷ୍ଟୁଡେଣ୍ଟ ଏନ୍‌ରୋଲ୍‌ମେଣ୍ଟ

ଗତ ୭ ବର୍ଷ ମଧ୍ୟରେ ଅନୁସୂଚିତ ଜାତି ବର୍ଗରେ ଛାତ୍ରଛାତ୍ରୀଙ୍କ ନାମଲେଖା ୪୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୪-୧୫ରେ ଏହା ୪୬ ଲକ୍ଷ ଥିବାବେଳେ ୨୦୨୧-୨୨ରେ ଏହା ୬୬ ଲକ୍ଷକୁ ବୃଦ୍ଧି ପାଇଛି। ଜାତୀୟ ପଛୁଆ ବର୍ଗ ଆୟୋଗର ରିପୋର୍ଟ ଅନୁଯାୟୀ ସଂଖ୍ୟାଲଘୁ ଛାତ୍ରୀଙ୍କ ନାମଲେଖା ମଧ୍ୟ ୪୨ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୪-୧୫ରେ ଏହା ୧୦ ଲକ୍ଷରୁ ଅଧିକ ଥିବା ବେଳେ ୨୦୨୧-୨୨ରେ ଏହା ୧୫ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ମହିଳା ଅନୁସୂଚିତ ଜାତି ବର୍ଜରେ ନାମଲେଖା ୫୧ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଅନୁସୂଚିତ ଜନଜାତି ବର୍ଗରେ ଛାତ୍ରଛାତ୍ରୀଙ୍କ ନାମଲେଖା ୬୫ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ୨୦୨୦-୨୧ ଶିକ୍ଷାବର୍ଷରେ କେନ୍ଦ୍ରୀୟ ବିଦ୍ୟାଳୟରେ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଥିଲା, ଯାହାଫଳରେ ୩୪ ହଜାରରୁ ଅଧିକ ଓବିସି ପିଲା ନାମ ଲେଖାଇଥିଲେ।

ଜାତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ କ୍ଷେତ୍ରରେ ନାମଲେଖା ୭୧ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ମହିଳାମାନଙ୍କରେ କ୍ଷେତ୍ରରେ ଏହା ଦ୍ୱିଗୁଣିତ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି।

## ମନ୍‌ସୁନ୍ - ଅନ୍‌ସେଟ୍

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ନିକୋବର ଦ୍ୱୀପପୁଞ୍ଜରେ ପ୍ରବେଶ କରିଛି। ଭାରତୀୟ ପାଣିପାଗ ବିଭାଗ କହିଛି, ଭାରତର କୃଷି ଭିତ୍ତିକ ଅର୍ଥନୀତିପାଇଁ ସହାୟକ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମାଳଦ୍ୱୀପର କିଛି ଅଂଶ ଏବଂ କୋମୋରିନ ଅଞ୍ଚଳ ଏବଂ ଦକ୍ଷିଣ ବଙ୍ଗୋପସାଗର, ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ ଆଣ୍ଡାମାନ ସାଗରର କିଛି ଅଂଶରେ ଅଗ୍ରସର ହୋଇଛି । ଚଳିତ ମାସ ଶେଷ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳରେ ପହଞ୍ଚିବ ବୋଲି ପାଣିପାଗ ବିଶେଷଜ୍ଞଙ୍କ ଆକଳନ କରିଛନ୍ତି ।

## ବି.ଜେ.ପି. - ଆପ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କ ବ୍ୟକ୍ତିଗତ ସହାୟକ ବିଭବ କୁମାର ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ୍‌ଙ୍କୁ ଅସଦାଚରଣ ଘଟଣାରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବି.ଜେ.ପି.କୁ ଦାୟୀ କରାଯାଉଥିବା ପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି ଏହାକୁ ଖଣ୍ଡନ କରିଛି । ଦିଲ୍ଲୀ ବି.ଜେ.ପି. ସଭାପତି ବୀରେନ୍ଦ୍ର ସଚ୍‌ଦେବା ଗଣମାଧ୍ୟମକୁ କହିଛନ୍ତି, ଏହି ଘଟଣାରେ ବି.ଜେ.ପି.ର କୌଣସି ଭୂମିକା ନାହିଁ । ସ୍ୱାତୀ ମାଲିୱାଲ୍ ଆପ୍‌ର ଏମ୍.ପି.

ହୋଇଥିବାସତ୍ତ୍ୱେ ସେହି ଦଳର ଆବାହକଙ୍କର ବ୍ୟକ୍ତିଗତ ସହାୟକ ତାଙ୍କୁ ଅସଦାଚରଣ କରିଛନ୍ତି । ଏହି ଘଟଣାରେ କେଜରିୱାଲ୍‌ଙ୍କ ନିରବତାକୁ ନେଇ ସେ ପ୍ରଶ୍ନ କରିଛନ୍ତି ।

## ଜେ.କେ. - ପିଲ୍‌ଗ୍ରିମ୍‌ସ - ହଜ୍

ଲଦାଖର ୩୩୫ ଜଣିଆ ହଜ୍ ଯାତ୍ରୀଙ୍କ ଦଳ ଆଜି ମକ୍କାରେ ସେମାନଙ୍କର ଉମରା ରୀତିନୀତି ଶେଷ କରିଛନ୍ତି, ଯାହା ସେମାନଙ୍କ ତୀର୍ଥଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଲଦାଖର ହଜ୍ କମିଟିର ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ ମାଜାଜ୍ କହିଛନ୍ତି, ସେମାନେ ୪୩ ଦିନର ହଜ୍‌ଯାତ୍ରା ଶେଷ କରି ଘରକୁ ଫେରିବେ। ଦୁଇ ଖଦିମ-ଉଲ-ହୁଜ୍ଜାଜ୍‌ଙ୍କ ସମେତ ଲଦାଖରୁ ୩୩୫ ଜଣିଆ ହଜ୍ ତୀର୍ଥଯାତ୍ରୀ ଦଳ ଗତକାଲି ଶ୍ରୀନଗରରୁ ମକ୍କା ଅଭିମୁଖେ ଯାତ୍ରା କରିଥିଲେ।

## ସେନ୍‌ସେକ୍ସ ୱିକ୍‌ଲି

ଘରୋଇ ଇକ୍ୱିଟି ବଜାର ଚଳିତ ସପ୍ତାହରେ ୨ ପ୍ରତିଶତ ବୃଦ୍ଧିପାଇଛି । ବମ୍ବେ ଷ୍ଟକ୍ ବଜାର ସୂଚକାଙ୍କ ଏହି ସପ୍ତାହରେ ୧ ହଜାର ୩୪୧ ପଏଣ୍ଟ୍ ବୃଦ୍ଧି ପାଇ ଗତକାଲି ୭୪ ହଜାର ୬ ପଏଣ୍ଟ୍‌ରେ ବନ୍ଦ ହୋଇଥିଲା । ନିଫ୍ଟି

ସୂଚକାଙ୍କରେ ୪୪୭ ପଏଣ୍ଟ୍ ବୃଦ୍ଧି ପାଇ ୨୨ ହଜାର ୫୦୨ ପଏଣ୍ଟ୍‌ରେ ବନ୍ଦ୍ ହୋଇଛି ।

## ତାଇୱାନ୍ - ପ୍ରେଜ୍ ଓଥ୍

ତାଇୱାନ୍‌ରେ ଆସନ୍ତାକାଲି ରାଷ୍ଟ୍ରପତି ଭାବେ ନିର୍ବାଚିତ ଲାଇ ଚିଙ୍ଗ୍ ତେ ଶପଥ ଗ୍ରହଣ କରିବେ । ଗତ ଜାନୁୟାରୀ ମାସରେ ରାଷ୍ଟ୍ରପତି ନିର୍ବାଚନରେ ସେ ବିଜୟ ଲାଭ କରିଥିଲେ । ୬୪ ବର୍ଷ ବୟସ୍କ ଲାଇ ପୂର୍ବ ରାଷ୍ଟ୍ରପତି ତାଇ-ଇଙ୍ଗ୍ ୱେନ୍‌ଙ୍କ ଦ୍ୱିତୀୟ ପାଳି ସରକାରରେ ବିଗତ ୪ ବର୍ଷ ଧରି ସେ ଉପରାଷ୍ଟ୍ରପତି ଦାୟିତ୍ୱ ତୁଲାଇଥିଲେ ।

## ଥାଇଲ୍ୟାଣ୍ଡ - ବ୍ୟାଡ୍‌ମିଣ୍ଟନ ଓପନ୍

ଥାଇଲ୍ୟାଣ୍ଡ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ୍‌ରେ ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଯୋଡ଼ି ପୁରୁଷ ଡବଲ୍‌ସରେ ଚୀନ୍‌ର ଚେଁ ବୋ ୟାଙ୍ଗ୍ ଓ ଲିଉ ୟି ଯୋଡ଼ିକୁ ସିଧାସଳଖ ୨୧-୧୫ ଓ ୨୧-୧୫ ସେଟ୍‌ରେ ହରାଇ ଟାଇଟଲ୍ ହାସଲ କରିଛନ୍ତି । ଗତକାଲି ଏହି ଭାରତୀୟ

ଯୋଡ଼ି ଚୀନ୍ ତାଇପେଇର ଲୁ ମିଙ୍ଗ୍ ଚେ ଓ ତାଙ୍ଗ୍ କାଇ ୱେଇ ଯୋଡ଼ିକୁ ୨୧-୧୧, ୨୧-୧୨ ସେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

## ଆଇ.ପି.ଏଲ୍. କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ହାଇଦ୍ରାବାଦର ରାଜୀବଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପଞ୍ଜାବ କିଙ୍ଗ୍‌ସ୍‌କୁ ୪ ୱିକେଟ୍‌ରେ ପରାସ୍ତ କରିଛି । ପୂର୍ବରୁ ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ୫ ୱିକେଟ୍ ବିନିମୟରେ ୨୧୪ ରନ୍ ସଂଗ୍ରହ କରିଥିଲା । ହାଇଦ୍ରାବାଦ ଦଳ ୨୧୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୯ ଓଭର୍ ଗୋଟିଏ ବଲ୍‌ରେ ୬ ୱିକେଟ୍ ବିନିମୟରେ ଏହି ଲକ୍ଷ୍ୟ ହାସଲ କରିଥିଲା । ଏହି ବିଜୟ ସହ ହାଇଦ୍ରାବାବଦ ୨ ପଏଣ୍ଟ୍ ପାଇ ୧୭ ପଏଣ୍ଟ୍ ସହ ପଏଣ୍ଟ୍ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ୧୯ ପଏଣ୍ଟ୍ ସହ କୋଲକାତା ଦଳ ପଏଣ୍ଟ୍ ଟେବୁଲ୍‌ର ଶୀର୍ଷରେ ଥିବାବେଳେ ୧୬ ପଏଣ୍ଟ ସହ ରାଜସ୍ଥାନ ଦଳ ତୃତୀୟ ସ୍ଥାନରେ ଓ ବେଙ୍ଗାଲୁରୁ ଦଳ ୧୪ ପଏଣ୍ଟ୍ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି ।

ଆଉ କିଛି ସମୟ ପରେ ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ମୁକାବିଲା ହେବ ।

*****